## ବସ୍ତି ଅଞ୍ଚଳରେ ୮ ପରିଚୟ ଗୃହ ଉଦ୍‌ଘାଟିତ

ଜୟପୁର, (ନି.ପ୍ର.): ଜୟପୁର ପୌରାଞ୍ଚଳରେ ଥିବା ବସ୍ତି ଅଞ୍ଚଳର ବିକାଶ ପାଇଁ ମାଇକ୍ରୋ ଏକ୍ଟିଭିଟି ସେଣ୍ଟର ବା ପରିଚୟ ଗୃହକୁ ରବିବାର ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ଘାଟନ କରିଛନ୍ତି। ସହରର ୨୦ଟି ବସ୍ତି ଅଞ୍ଚଳରେ ଏହି ପରିଚୟ ଗୃହ ବ୍ୟବସ୍ଥା କରାଯାଇଥିବା ବେଳେ ୧୩ଟରି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ୮ଟଗୃହକୁ ଉଦ୍‌ଘାଟନ କରାଯାଇଛି । ମାଇକ୍ରୋ ଏକ୍ଟିଭିଟି ସେଣ୍ଟର ଏବଂ ଓପନ ସ୍ପେସ ଡେଭଲପମେଣ୍ଟ ଯୋଜନାରେ ଏହି ପ୍ରକଳ୍ପ କରାଯାଇଛି । ଏହା ଦ୍ୱାରା ବସ୍ତିର ବିକାଶ ହୋଇପାରିବ । ସୁସ୍ଥ ପରିବେଶ ପାଇଁ ଏମଏସି କୁ ରଙ୍ଗିନ କରାଯାଇ ବିଭିନ୍ନ ଚିତ୍ର ଅଙ୍କାଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପ ଜିଲାପାଳ ହେମକାନ୍ତ ସାୟ, ପିଡି ପ୍ରବୀର ନାୟକ, ପୌର କନିଷ୍ଠଯନ୍ତ୍ରୀ ଅଜୟ କୁମାର ଜାନି ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଉମରକୋଟ, ୬।୧୨(ସ୍ୱ.ପ୍ର.)
ଉମରକୋଟ ରାଇଘର ମୁଖ୍ୟ ରାସ୍ତା ଦର୍ଗାଗୁଡ଼ାରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉମରକୋଟ ବ୍ଲକ ମୃତୁମା ପଞ୍ଚାୟତ ସଦର ଗାଁର ରାମପଦ ସରଦାରଙ୍କ ପୁଅ ସତ୍ୟ (୧୫)। ସୂଚନା ଅନୁଯାୟୀ ସତ୍ୟ ବାଇକ୍ ଯୋଗେ ରବିବାର ଅପରାହ୍ନରେ ନିଜ ଘରକୁ ଯାଉଥିବା ବେଳେ ଦର୍ଗାଗୁଡ଼ାରେ ହଠାତ୍ ଭାରସାମ୍ୟ ହରାଇ ସେଠାରେ ଥିବା ଏକ ନଳକୂପ ପଏଣ୍ଟରେ ପିଟି ହୋଇଯାଇଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହେଉଥିବା ଦେଖି କିଛି ଲୋକ ଉମରକୋଟ ପୋଲିସକୁ ଜଣାଇଥିଲେ। ପୋଲିସ ସେଠାରେ ପହଞ୍ଚି ସତ୍ୟଙ୍କୁ ଡାକ୍ତରଖାନା ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

### ଟ୍ରାକ୍ଟରରୁ ଖସି ଜଣେ ମୃତ

ଦଶମନ୍ତପୁର/ଟିକିରି, ୬।୧୨ (ଡ଼ି.ଏନ.ଏ.)
କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତର ଟେରାଗୁଡ଼ା ଛକରେ ଲେବର୍ ଓହ୍ଲାଇ ନିଜ ଗାଁକୁ ଫେରୁଥିବା ବେଳେ ଟ୍ରାକ୍ଟରରୁ ଖସିପଡି ଜଣକର ମୃତ୍ୟୁ ହୋଇଛି। ସେ ହେଲେ କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତର ଉପରକୋଡ଼ିଙ୍ଗା ଗ୍ରାମର ବେଭାରୀ ଝୋଡ଼ିଆଙ୍କ ପୁଅ ମହେନ୍ଦ୍ର ଝୋଡ଼ିଆ (୧୭ )। ଖବରରୁ ଜଣାପଡିଛି ଟ୍ରାକ୍ଟର (ଓଡି୧୮ସି-୬୨୬୫) ଟି ୪ ଜଣ ଶ୍ରମିକଙ୍କୁ ଟେରାଗୁଡ଼ା ଗ୍ରାମକୁ ନେଇ ଯାଉଥିଲା। ଏହି ସମୟରେ ଡ୍ରାଇଭର ନିଜର ପରିଚିତ ମହେନ୍ଦ୍ରଙ୍କୁ ଡାକି ସାଙ୍ଗରେ ନେଇଥିଲେ। ଶ୍ରମିକଙ୍କୁ ଟେରାଗୁଡାରେ ଛାଡି ଉପର କୋଡ଼ିଙ୍ଗାକୁ ଫେରୁଥିବା ସମୟରେ ଟେରାଗୁଡ଼ା ଛକଠାରେ ମହେନ୍ଦ୍ର ଟ୍ରାକ୍ଟରରୁ ଖସି ପଡିଥିଲେ। ତାଙ୍କ ଉପରେ ଟ୍ରଲିର ଚକ୍କା ଚଢିଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପରେ ଡ୍ରାଇଭର ଫେରାର୍ ହୋଇ ଯାଇଛନ୍ତି।

### କୋରାପୁଟରେ ୭ କରୋନା ସଂକ୍ରମିତ ଚିହ୍ନଟ

କୋରାପୁଟ,୬।୧୨ (ସ୍ୱ.ପ୍ର.)-
କୋରାପୁଟ ଜିଲାରେ ରବିବାର ୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ଏହି ସଂଖ୍ୟା ୭୭୬୬କୁ ବୃଦ୍ଧି ପାଇଛି। ଚିହ୍ନଟଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ୨ ଜଣ , କୋରାପୁଟ ପୌରାଞ୍ଚଳରୁ ଜଣେ, ସୁନାବେଡା ପୌରାଞ୍ଚଳରୁ ଜଣେ, ବୈପାରିଗୁଡା ବ୍ଲକରୁ ଜଣେ, ଦଶମନ୍ତପୁର ବ୍ଲକରୁ ଜଣେ ଏବଂ ଜୟପୁର ବ୍ଲକରୁ ଜଣେ ଚିହ୍ନଟ ହୋଇଥିବା ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି।

### ସନ୍ଥ ଦୁର୍ଗାଚରଣଙ୍କ ୧୦୯ତମ ଜୟନ୍ତୀ

ନବରଙ୍ଗପୁର,୬।୧୨(ବି.ପ୍ର.)
ନବରଙ୍ଗପୁର ନିଗମାନନ୍ଦ ଆଶ୍ରମରେ ସନ୍ଥ ଦୁର୍ଗା ଚରଣଙ୍କ ୧୦୯ତମ ଜୟନ୍ତୀ ପାଳିତ ହୋଇଛି। ଆଶ୍ରମ ସଭାପତି ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଓ ଦୌରା ଜଜ୍ ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥି, ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିଙ୍କୁ ଦୁର୍ଗାଚରଣ ସାରସ୍ୱତ ସମ୍ମାନରେ ସାମ୍ମାନିତ କରାଯାଇଥିଲା। ୨୦୧୮ ପାଇଁ ବିଷମକଟକର ଗବେଷକ ଶ୍ରୀରଙ୍ଗ ନାୟକ, କଳାହାଣ୍ଡିର ପୁସ୍ତକ ସମୀକ୍ଷକ ସୁଦର୍ଶନ ଦାଶ, ୨୦୧୯ ପାଇଁ ରାୟଗଡାର ଡମ୍ବରୁଧର ପଟ୍ଟନାୟକ ଓ ନବରଙ୍ଗପୁର ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ, ୨୦୨୦ ପାଇଁ ପ୍ରାବନ୍ଧିକ ଡଃ. ଚନ୍ଦ୍ର ଶେଖର ହୋତା (ଡିଏସ୍‌ପି), ପ୍ରାବନ୍ଧିକ କୁମୁଦ ଚନ୍ଦ୍ର ପଟ୍ଟନାୟକଙ୍କୁ ଏହି ସମ୍ମାନ ମିଳିଛି। ସେହିଭଳି ୨୦୧୮ ପାଇଁ କବୟତ୍ରୀ ଜେମାମଣି ବିଷୟୀ, ୨୦୧୯ ପାଇଁ ଖାତିଗୁଡା ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧକ୍ଷା ସୁଶ୍ରୀ ସ୍ୱର୍ଣ୍ଣଲତା ମହାକୁଡ, ୨୦୨୦ ପାଇଁ ଗୁଣ୍ଡୁପୁର ସାମାଜିକ ସେବା ସମାଜର ଅଧକ୍ଷା ରାଜେଶ୍ୱରୀ ଦଳେଇଙ୍କୁ ମା ଶାରଦା ସେବା ସମ୍ମାନ ମିଳିଛି। ବରିଷ୍ଠ ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ରଙ୍କୁ ନିଗମାନନ୍ଦ ସେବା ସମ୍ମାନ ପ୍ରଦାନ କରାଯାଇଛି। ଗୌତମ ପ୍ରିୟଦର୍ଶୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଶ୍ରମ ସମ୍ପାଦକ ନରେନ୍ଦ୍ର କୁମାର ପାଳ, ଦାମୋଦର ବେହେରା, ପ୍ରଫୁଲ୍ଲଚନ୍ଦ୍ର ପଣ୍ଡା, ଦେବଦତ ସାମନ୍ତରାୟ, ସୁଧିର କୁମାର ଧଳ, ହଟ କିଶୋର ବେହେରା ଓ ନୃସିଂହ ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# କାମ ନ କରି ହୋଇଛି ବିଲ୍

କୋରୁକୋଣ୍ଡା,୬।୧୨(ଡି.ଏନ. ଏ.)


ଦୁଇଟି ଲାଟ୍ରିନକୁ ମିଶାଇ ଗୋଟିଏ କାନ୍ଥରେ ଅଳ୍ପ ଇଟା ଉଠାଇ କରାଯାଇଥିବା କାର୍ଯ୍ୟ।

**ପାଇଖାନା ନିର୍ମାଣରେ ଦୁର୍ନୀତି**
- ୪୦ରୁ ଊର୍ଦ୍ଧ୍ୱ ପରିବାରକୁ ଯୋଜନାରେ ସାମିଲ କରାଯାଇଥିଲା
- ଗ୍ରାମବାସୀ ପଡିଆ, ନଦୀତୁଠକୁ ଶୌଚ ପାଇଁ ଯାଉଛନ୍ତି
- ଯନ୍ତ୍ରୀ, ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ସରକାର ସ୍ୱଚ୍ଛ ଭାରତ ଅଭିଯାନ ନାମରେ ବହୁ ଅର୍ଥ ଖର୍ଚ୍ଚ କରୁଥିବା କହୁଥିବା ବେଳେ ଏଥିରୁ ହିତାଧିକାରୀମାନେ ସୁଫଳ ପାଉନାହାନ୍ତି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ମାରିବେଡା ପଞ୍ଚାୟତର ରାଖେଲଗୁଡା ଗ୍ରାମରେ ପାଇଖାନା ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏପରିକି ହିତାଧିକାରୀଙ୍କ ପାଇଖାନା ନିର୍ମାଣ ନ ହୋଇ କାଗଜପତ୍ରରେ ପାଇଖାନା ନିର୍ମାଣ ସରିଥିବା ଦର୍ଶାଇ ବିଲ୍ କରି ଅର୍ଥ ହଡପ କରାଯାଇଛି। ରାଖେଲଗୁଡାଗ୍ରାମରେ ୧୦୦ ପରିବାର ବସବାସ କରନ୍ତି। ସେଥିରୁ ୪୦ରୁ ଊର୍ଦ୍ଧ୍ୱ ପରିବାରକୁ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ କରାଯାଇ ଶୌଚାଳୟ କରିବା ନିମନ୍ତେ ଟଙ୍କା ଆସିଥିଲା। ମାତ୍ର ଗ୍ରାମର କୌଣସି ପରିବାରରେ ଶୌଚାଳୟ ନିର୍ମାଣ ନ କରି ଲକ୍ଷାଧିକ ଟଙ୍କା ହଡପ କରାଯାଇଛି। ଦୁଇଟି ଲାଟ୍ରିନକୁ ମିଶାଇ ଗୋଟିଏ କାନ୍ଥରେ ଅଳ୍ପ କିଛି ଇଟା ଉଠାଇ ବିଲ୍ ହୋଇଛି । ନା ଶୌଚାଳୟ ଅଛି, ନା ଲାଟ୍ରିନ ଟାଙ୍କି ଅବା ନା ବସାଯାଇଛି ସ୍ୱାନ। ଏଭଳି ଭାବରେ ଏଥିରୁ ଟଙ୍କା ହଡପ କରାଯାଇଛି। ଏଥିରେ ଠିକାଦାର, ଯନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି। ଗ୍ରାମବାସୀ ପୂର୍ବରୁ ଯେପରି ପଡିଆ ଅବା ନଦୀ ତୁଠକୁ ଶୌଚ ପାଇଁ ଯାଉଥିଲେ ଏବେ ମଧ ଯାଉଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ପୁନର୍ବାର ନୂତନ ଶୌଚାଳୟ ନିର୍ମାଣ କରିବା ଲାଗି ଗ୍ରାମର ଦେବା କବାସୀ, ରମେଶ ପଡ଼ିଆମି, ରାଜା କବାସୀ, ଉରା ପଡ଼ିଆମି, ଇର୍ମା କବାସୀ, ଗଙ୍ଗା ପଡ଼ିଆମିଙ୍କ ଗ୍ରାମବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ରାଖେଲଗୁଡ଼ା ଗ୍ରାମଟି ପୋଟେରୁ ନଦୀର ଅପରପାର୍ଶ୍ୱରେ ରହିଛି। ଗ୍ରାମକୁ ଲୋକେ ଡଙ୍ଗାରେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରନ୍ତି। ଗ୍ରାମକୁ ଯିବାଲାଗି ରାସ୍ତା ନ ଥିବାରୁ ବ୍ଲକର କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ଗ୍ରାମରେ ପଡେ ନାହିଁ।

# ସ୍ୱାଭିମାନ ଅଞ୍ଚଳରେ ବୁଲୁଛନ୍ତି ନକଲି ଡାକ୍ତର

ଚିତ୍ରକୋଣ୍ଡା,୬।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ଆଗେଇ ଚାଲିଛି। ରାସ୍ତାଘାଟ, ପାନୀୟଜଳ, ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଗୁରୁତ୍ୱ ଦେଇ ପ୍ରଶାସନ କାର୍ଯ୍ୟ କରୁଛି। ଯୋଡାମ୍ବରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଛି। ଏହା ସତ୍ତ୍ୱେ ଉକ୍ତ ଅଞ୍ଚଳରେ ନକଲି ଡାକ୍ତରମାନେ ବୁଲୁଛନ୍ତି। ନିରୀହ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ସେମାନେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଆଳରେ ସେମାନଙ୍କଠାରୁ ଅର୍ଥ ଶୋଷଣ କରୁଛନ୍ତି। ଚିକିତ୍ସା ନାଁରେ ଆଦିବାସୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ଡାକ୍ତରୀ ପାଠ ପଢିଥିବାର କୌଣସି ପ୍ରମାଣପତ୍ର ସମ୍ପର୍କରେ ଏମାନଙ୍କୁ ପଚାରିଲେ ସନ୍ତୋଷଜନକ ଉତ୍ତର ମିଳୁନାହିଁ। ସ୍ୱାଭିମାନ ଅଞ୍ଚଳର ପଣସପୁଟ ପଞ୍ଚାୟତର ଜାମୁଗୁଡା ଗ୍ରାମର ସ୍କୁଲ ପିଣ୍ଡାରେ ଏହି ନକଲି ଡାକ୍ତର ନିଜ କାରବାର ଚଳାଇଛନ୍ତି। ଲୋକଙ୍କୁ ଚିକିତ୍ସା କରୁଛନ୍ତି, ଔଷଧ ମଧ୍ୟ ଦେଉଛନ୍ତି। ଜଣକ ପିଛା ୧ହଜାରରୁ ୨ ହଜାର ପର୍ଯ୍ୟନ୍ତ ଟଙ୍କା ନେଉଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ଏହି ନକଲି ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।

# ବେସାମରିକ ବାହିନୀର କାର୍ଯ୍ୟ ପ୍ରଶଂସନୀୟ : ଜିଲାପାଳ



ଜିଲାପାଳ ଜଣେ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରୁଛନ୍ତି।

କୋରାପୁଟ,୬।୧୨(ସ୍ୱ.ପ୍ର.)

ଜିଲା ବେସାମରିକ ବାହିନୀର ୫୮ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଜିଲାପାଳ ମଧୁସୂଦନ ମିଶ୍ର ଯୋଗଦେଇ ବେସାମରିକ ବାହିନୀ ଏବଂ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ। ବେସାମରିକ ବାହିନୀର ସଦସ୍ୟମାନେ ଦୀର୍ଘ ୫୮ ବର୍ଷ ଧରି ଦେଶର ବିଭିନ୍ନ ସ୍ଥାନରେ ଜନସାଧାରଣ ବିପଦ ବେଳେ ସେମାନଙ୍କ ଧନ ଜୀବନ ରକ୍ଷା କରିବାରେ ନିୟୋଜିତ ହେଉଛନ୍ତି। ସେମାନଙ୍କ ନିଃସ୍ୱାର୍ଥପର ସେବା ପ୍ରଶଂସୟନୀୟ ବୋଲି ଜିଲାପାଳ କହିଥିଲେ। ବେସାମରିକ ବାହିନୀର ଅଧିକାରୀ ରମାନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର କୁମାର ନାୟକ, ଏପିଡି ମହେଶ୍ୱର ନାୟକ, ଓଏସ୍‌ଏପି କମାଣ୍ଡାଣ୍ଟ ପ୍ରଭାତ କୁମାର ଦାସଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ନିଜ ମତ ରଖିଥିଲେ । ଅତିରିକ୍ତ ଜିଲାପାଳ ପ୍ରଧାନ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ଡିଜିଙ୍କ ବାର୍ତ୍ତା ପାଠ କରିଥିଲେ। ଏହି ଅବସରରେ ଜିଲାପାଳ ଜିଲାର ୭ ଜଣ ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରିଥିଲେ ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ


ଏମ୍‌ଭି-୭୯ର ଚିତ୍ରଶିଳ୍ପୀ ରେବା ବିଶ୍ୱାସଙ୍କୁ ସମ୍ମାନିତ କରାଯାଉଛି।

**ନିଖିଳ ଓଡିଶା ଚିତ୍ରକାର ସଂଘ ବୈଠକ**

ମାଲକାନଗିରି,୬।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ନଗର ଭବନଠାରେ ଅଲ୍ ଓଡିଶା ପେଣ୍ଟିଂ ଆର୍ଟିଷ୍ଟ ୱାର୍କସ ଆସୋସିଏଶନର ଜିଲାସ୍ତରୀୟ ବୈଠକ ଉପଦେଷ୍ଟା କେ. ଦେଶୀରାଜୁ ଆଚାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ପ୍ରକୃତିବନ୍ଧୁ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଜିଲା ସଂଘର ସଭାପତି ତପନ ମଣ୍ଡଳ, ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ମିଶ୍ର, ଉପସଭାପତି ରମେଶ ଦିଶାରି, ଜିଲା ଉପ ସଭାପତି ସୁବାଷ କିର୍ତ୍ତନିଆ, ଜିଲା ସମ୍ପାଦକ ବୀର ମୋହନ ଅଧିକରୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜିଲାର ବର୍ଷିଆନ ଶିଳ୍ପୀ ଏମ୍‌ଭି- ୭୦ ଗ୍ରାମର କୃଷ୍ଣପଦ ମଣ୍ଡଳ, ଏମ୍‌ଭି- ୧୮ ଗ୍ରାମର ଚିତରଞ୍ଜନ ମଣ୍ଡଳ ଓ ଏମ୍‌ପିଭି- ୭ ଗ୍ରାମର ରେବା ବିଶ୍ୱାସଙ୍କୁ ସମ୍ମାନିତ କରାଯାଇଥିଲା। ଦୀର୍ଘ ୬ ବ ର୍ଷ ଧରି ରଙ୍ଗ ତୁଳୀ କଳାକାରଙ୍କ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ରଙ୍ଗତୁଳୀ କଳାକାରଙ୍କୁ ପରିଚୟ ପତ୍ର ପ୍ରଦାନ, ସାମାଜିକ ସୁରକ୍ଷା, ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ପକ୍ଷରୁ ହେଉଥିବା ବିଭିନ୍ନ ପ୍ରାଚୀର ଲିଖନ ବିଜ୍ଞାପନର ଠିକାଦାରଙ୍କ ବଦଳରେ ପେଣ୍ଟର ଆସୋସିଏଶନକୁ ପ୍ରଦାନ କରିବା, ମାସିକ ସର୍ବନିମ୍ନ ୧୫୦୦୦ ଟଙ୍କା ପେନସନ୍ ଦେବା ଆଦି ସେମାନଙ୍କ ମୁଖ୍ୟ ଦାବି ରହିଛି। ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଓଡିଶା ମାର୍ଶାଲ ଆର୍ଟସର ପ୍ରତିଷ୍ଠାତା ବିନାଶ ମିଶ୍ର ପରିଚାଳନା କରିଥିଲେ ।

## ଅଟୋ ଓଲଟି ୨୦ ଆହତ

ଡାବୁଗାଁ, ୬।୧୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କେଲିଆ ମନ୍ଦିର ନିକଟ ଘାଟିରେ ୨ଟି ଅଟୋ ଓଲଟି ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

କୋରାପୁଟ ଜିଲା କୋଟପାଡ ଥାନା ଅଧୀନ ପଲକାଗୁଡା ଓ ନବରଙ୍ଗପୁର ଜିଲା କୋଷାଗୁମୁଡା ଥାନା କିଡ୍ରିପାଲି ଗ୍ରାମର ୨୦ ରୁ ଊର୍ଦ୍ଧ୍ୱ ଲୋକ ଶନିବାର ଝରିଗାଁ ବ୍ଲକ ରାମପୁରିଆଗୁଡା ଗ୍ରାମକୁ ଦଶାହ କାର୍ଯ୍ୟରେ ଯୋଗ ଦେବାକୁ ଯାଇଥିଲେ। ରବିବାର ଦଶାହ କାମ ସାରି ୨ ଟି ଅଟୋ (ଓଡି-୧୦ଏନ୍- ୯୫୨୨) ଓ (ଓଡି-୧୦-୦୩୯୦)ରେ ଫେରୁଥିଲେ। ଡାବୁଗାଁ ବ୍ଲକ ଅଧୀନ କେଲିଆ ଘାଟିରେ ଓହ୍ଲାଇବା ସମୟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ଏଥିରେ ଥିବା ଯାତ୍ରୀମାନେ ଆହତ ହୋଇଥିଲେ। ଖବର ପାଇ ଡାବୁଗାଁ ଥାନା ଏଏସଆଇ ଶ୍ୟାମସୁନ୍ଦର ବେହେରା ଓ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସହାୟତା ଅପେକ୍ଷାରେ ଦିବ୍ୟାଙ୍ଗ ଡାଳିମ୍ବ

ଡାବୁଗାଁ, ୬।୧୨(ଡି.ଏନ୍.ଏ.)



ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଉମୁରାହାଣ୍ଡି ଗ୍ରାମର ଡାଳିମ୍ବ ହରିଜନ(୫୧)। ଚାରିବର୍ଷ ହେବ ଗୋଡ଼ କାମ କରୁନି। ସ୍ୱାମୀ ମଙ୍ଗରୁଙ୍କ ମୃତ୍ୟୁ ପରେ ସେ ଏବେ ଏକା। ଦେଖାଶୁଣା କରିବାକୁ କେହି ନ ଥିବା ବେଳେ ଗୋଡ ଅଚଳ ଥିବାରୁ ଚଳିବା ତାଙ୍କ ପକ୍ଷେ କଷ୍ଟକର। ସରକାରୀ ସହାୟତା ମିଳୁ ବୋଲି ଡାଳିମ୍ବ ନିବେଦନ କରିଛନ୍ତି।

ଡାଳିମ୍ବ ଦୁଇ ଝିଅଙ୍କୁ ପୂର୍ବରୁ ବାହା କରି ଦେଇଥିଲେ। ଗତ ମାସରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇ ଯାଇଥିଲା। ଅତି ଜରୁରୀ ବେଳେ ଭଉଣୀ ଓ ଜ୍ୱାଇଁ ଆସି ସାହାଯ୍ୟ କରନ୍ତି। ଦୁଇବେଳା ଖାଇବା ସଂଗ୍ରହ କରିବା ତାଙ୍କ ପକ୍ଷେ କଷ୍ଟକର। ସେ ମାସକୁ ୫୦୦ ଟଙ୍କାର ପେନସନ ପାଉଛନ୍ତି। ଏହି ଟଙ୍କାରେ ମାସ ସାରା ଚଳିବା ଅସୁବିଧା ହେଉଛି। ତେଣୁ ବାଧ ହୋଇ ସେ ଭିକ୍ଷାବୃତ୍ତି କରୁଛନ୍ତି। ପ୍ରଶାସନ ଡାଳିମ୍ବଙ୍କୁ ସହାୟତା ଯୋଗାଇ ଦେଉ ବୋଲି ଦାବି ହେଉଛି।

# କୋରାପୁଟ,ଜୟପୁରରେ ଆମ୍ବେଡକରଙ୍କ ଶ୍ରାଦ୍ଧଦିବସ


କୋରାପୁଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ମୃତିକମିଟି ସଦସ୍ୟମାନେ।

କୋରାପୁଟ/ଜୟପୁର, ୬।୧୨ (ସ୍ୱ.ପ୍ର./ନି.ପ୍ର.)

ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ.ବାବା ସାହେବ ଭୀମରାଓ ଆମ୍ବେଡକରଙ୍କ ୬୪ତମ ଶ୍ରାଦ୍ଧବାର୍ଷିକୀ ରବିବାର ଆମ୍ବେଡକର ସ୍ମୃତି କମିଟି ପକ୍ଷରୁ କୋରାପୁଟଠାରେ ପାଳିତ ହୋଇଯାଇଛି । କୋଭିଡ ପରିପ୍ରେକ୍ଷୀରେ ସ୍ଥାନୀୟ ଆମ୍ବେଡକର ପାର୍କଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଆରଡିଏ ଏପିଡି ମହେଶ୍ୱର ନାୟକ ଓ ପୂର୍ବତନ ବିଧାୟକ ନିମାଇଁ ସରକାର ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ରୂପକ କୁମାର ତୁରକ, ବାବୁଲା ବେନିଆ, ରମେଶ ବାଙ୍କିଆଙ୍କ ସମେତ ସ୍ମୃତି କମିଟି ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଜୟପୁରରେ ଶ୍ରମିକ କର୍ମଚାରୀ ଭବନଠାରେ ଆମ୍ବେଡକରଙ୍କ ୬୪ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି । ଏଥିରେ ଯୁଧିଷ୍ଠିର ରାଉଳ ସଭାପତିତ୍ୱ କରିଥିଲେ। ଆଜିର ଦିନଟିକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ମୂଳନିବାସୀ ମହାସଂଘ ସାମ୍ପ୍ରଦାୟିକ ସଦ୍‌ଭାବନା ଦିବସ ଏବଂ ସମ୍ବିଧାନ ବଞ୍ଚାଅ ଦେଶ ବଞ୍ଚାଅ ଦିବସ ରୂପେ ପାଳନ କରୁଛି ବୋଲି ରାଉଳ ସୂଚନା ଦେଇଥିଲେ। ବାବା ସାହେବ ତାଙ୍କ ଜୀବନରେ ଦେଶର ଯୁବ ସମାଜକୁ ପାଠପଢ ଜ୍ଞାନାର୍ଜନ କର, ସଂଘର୍ଷ କର ଆଗକୁ ବଢ ବୋଲି ଆହ୍ୱାନ ଦେଇଥିବା ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ କୁମାର ମହାନ୍ତି, ପ୍ରବୀର ପାତ୍ର, ରାମକୃଷ୍ଣ ଦାସ, ଚଞ୍ଚଳା ହରିଜନ, ନିତ୍ୟାନନ୍ଦ ପାତ୍ର ପ୍ରମୁଖ ଆମ୍ବେଡକରଙ୍କ ସ୍ମୃତିଚାରଣ କରିଥିଲେ। ସଭା ପରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ଗାଁରେ ଦେଶିଆ ଭାଷାରେ ସଚେତନ କରିବା ଜରୁରୀ

ଝରିଗାଁ, ୬।୧୨(ସ୍ୱ.ପ୍ର.)


ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**■ ରକ୍ତହୀନତା ମୁକ୍ତ ବ୍ଲକ କାର୍ଯ୍ୟକ୍ରମ ଶୁଭାରମ୍ଭ**
**■ ଦୁଇ ବର୍ଷରେ ଖର୍ଚ୍ଚ ହେବ ୧ କୋଟି ୬ ଲକ୍ଷ ୧୨ ହଜାର ଟଙ୍କା**
**■ ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବୃଦ୍ଧି ନେଇ ଗୁରୁତ୍ୱ**

ନୀତି ଆୟୋଗ ଦ୍ୱାରା ଅନୁଦାନପ୍ରାପ୍ତ ଆକାଂକ୍ଷା ଜିଲା ନବରଙ୍ଗପୁରର ନନ୍ଦାହାଣ୍ଡି, ରାଇଘର ଏବଂ ଝରିଗାଁକୁ ରକ୍ତହୀନତା ମୁକ୍ତ ବ୍ଲକ କରିବାକୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରବିବାର ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଲୋକ ସଭା ଏମ୍‌ପି ରମେଶ ଚନ୍ଦ୍ର ମାଝି, ଉପସ୍ଥିତ ଥିଲେ। ସଚେତନତା ଅଭାବ ଯୋଗୁ ରକ୍ତହୀନତାରେ ଗ୍ରାମାଞ୍ଚଳରେ ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ମୃତ୍ୟୁ ହେଉଛି ବୋଲି ବୈଠକରେ ଆଲୋଚନା କରାଯାଇଛି। ଏହାକୁ କମ୍ କରି ନବରଙ୍ଗପୁରର ନନ୍ଦାହାଣ୍ଡି, ରାଇଘର ଏବଂ ଝରିଗାଁକୁ ରକ୍ତହୀନତାମୁକ୍ତ ବ୍ଲକ କରିବାକୁ ନୀତି ଆୟୋଗ ଆଗାମୀ ୨ବର୍ଷ ଏଠାରେ ବିଭିନ୍ନ ପଦକ୍ଷେପ ନେବ। ଏଥିପାଇଁ ୧ କୋଟି ୬ ଲକ୍ଷ ୧୨ ହଜାର ଟଙ୍କା ଅନୁମୋଦିତ ହୋଇଛି। ଏହାଦ୍ୱାରା ୧୫ ହଜାର ୯ଶହ ୫୬ ଜଣ କିଶୋରି, ୧୧ ହଜାର୧୧ଶହ୧୦ ଜଣ ଗର୍ଭବତୀ ଏବଂ ୫ ହଜାର ୫ଶହ ୫୫ ଜଣ ପ୍ରସୂତି ଉପକୃତ ହେବେ।

ଗ୍ରାମାଞ୍ଚଳରେ ରହିଥିବା ଅନ୍ଧବିଶ୍ୱାସକୁ ଦୂର କରିବାକୁ ଗାଁ ଗହଳିରେ ପ୍ରଚଳିତ ଦେଶିଆ ଭାଷାରେ କିଶୋରୀ, ଗର୍ଭବତୀ ଏବଂ ପ୍ରସୂତିଙ୍କୁ ସଚେତନତା କରାଇବାକୁ ଏମ୍‌ପି ରମେଶ ଚନ୍ଦ୍ର ମାଝି କହିଛନ୍ତି। ସେହିପରି ସମସ୍ତଙ୍କ ସହଯୋଗ ରହିଲେ ନୀତି ଆୟୋଗଙ୍କ ଏହି କାର୍ଯ୍ୟକ୍ରମ ସଫଳ ହେବ ବୋଲି ଅତିଥିଭାବେ ଉପସ୍ଥିତ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି କହିଛନ୍ତି। ଭାରତ ବର୍ଷରେ ନୀତି ଆୟୋଗଙ୍କ ୧୧୭ଟି ଆକାଂକ୍ଷା ଜିଲା ରହିଛି। ଓଡ଼ିଶାର ରକ୍ତହୀନତା ହାର ୪୮ ପ୍ରତିଶତ ହୋଇଥିବା ବେଳେ ନବରଙ୍ଗପୁର ଜିଲାରେ ରକ୍ତହୀନତା ଶତକଡା ୭୩ ପ୍ରତିଶତ ରହିଛି। ଜିଲାର ନନ୍ଦାହାଣ୍ଡିରେ ରକ୍ତହୀନତା ହାର ୯୬%, ରାଇଘରରେ ୮୩% ଏବଂ ଝରିଗାଁରେ ୭୭% ରହିଛି ବୋଲି ବୈଠକରେ ଉପସ୍ଥିତ ଜିଲାପାଳ ଅଜିତ୍ ମିଶ୍ର କହିଛନ୍ତି। ଦୁଇ ବର୍ଷ ମଧ୍ୟରେ ଏ ସବୁ ଅଞ୍ଚଳକୁ ରକ୍ତହୀନତାମୁକ୍ତ ବ୍ଲକ କରାଯିବା ନେଇ ମିଳିତ ଉଦ୍ୟମ, ୱାର୍ଡ କମିଟିର ସଶକ୍ତୀକରଣ ଆବଶ୍ୟକତା ରହିଅଛି। ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବୃଦ୍ଧି କରାଯିବା ଆବଶ୍ୟକତା ରହିଛି ବୋଲି ଜିଲାପାଳ କହିଛନ୍ତି। ଗ୍ରାମାଞ୍ଚଳରେ କିଶୋରୀ, ଗର୍ଭବତୀ ଏବଂ ପ୍ରସୂତିମାନଙ୍କଠାରେ ଲୋହିତ ରକ୍ତକଣିକାର ଅଭାବ ରହିଛି। ସଚେତନତା ଅଭାବରୁ ସେମାନେ ନିୟମିତ ଆଇରନ ବଟିକା ଖାଉ ନାହାନ୍ତି ବୋଲି ଅତିଥିମାନେ କହିଥିଲେ। ସିଡିଏମ୍‌ଓ ଡାକ୍ତର ଶୋଭାରାଣୀ ମିଶ୍ର, ଏନ୍‌ଆର୍‌ଏଚ୍‌ଏମ୍ ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ ପ୍ରହରାଜ, ବିଡିଓ ଦେବେନ୍ଦ୍ର ବାହାଦୁରସିଂ ଧରୁଆ, ତହସିଲଦାର ହୃଷୀକେଶ ଗଣ୍ଡ,ଏଡିଏମ୍‌ଓ ଡାକ୍ତର ସୁକାନ୍ତ କୁମାର ଶତପଥୀ, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପ୍ରକାଶ ଚନ୍ଦ୍ର ନାୟକ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ସରପଞ୍ଚ ଅଗନ୍ତି ପୂଜାରୀ, ସିଡିପିଓ ସ୍ୱର୍ଣ୍ଣଭା ଦାଶ ଅତିଥିଭାବେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଏକଦିବସୀୟ ରକ୍ତହୀନତା ମୁକ୍ତ ତାଲିମ ପୁସ୍ତିକା, ପୋଷ୍ଟର ଏବଂ କିଶୋରୀମାନଙ୍କ ପାଇଁ ରକ୍ତହୀନତା ଚିକିତ୍ସା ପତ୍ର ଉନ୍ମୋଚନ କରିଥିଲେ।

